ଗ୍ରାମୀଣ କୃଷି ମୌସମ ସେବା, ଭବାନୀପାଟଣା, କଳାହାଣ୍ଡି
ଜ଼ିଲ୍ଲା ସ୍ତରୀୟ ପାଣିପାଗ ଭିତିକ କୃଷି ଉପଦେଶ ସେବା
ପଶ୍ଚିମ ମାଳ ଅଂଚଳ, ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର ,
(ଓଡିଶା କୃଷି ଓ ବୈଷୟିକ ବିଶ୍ଵ ବିଦ୍ୟାଳୟ)
ଭବାନୀପାଟଣା

ପତ୍ର ସଂ - ୩୫ ସପ୍ତାହ- ୩୧ ତାରିଖ- ୦୩.୦୮.୨୦୧୮

# ପାଣିପାଗ ଭିତିକ କୃଷି ଉପଦେଶ - କଳାହାଣ୍ଡି ଜ଼ିଲ୍ଲା ନିମନ୍ତେ

**ପାଣିପାଗ ପୂର୍ବାନୁମାନ - ୦୪.୦୮.୨୦୧୮ ରୁ ୦୮.୦୮.୨୦୧୮ ପର୍ଯ୍ୟନ୍ତ:**

ଆସନ୍ତା ୦୮.୦୮.୨୦୧୮ ମଧ୍ୟରେ କଳାହାଣ୍ଡି ଜ଼ିଲ୍ଲା ରେ ମଧ୍ୟମ ରୁ ସ୍ୱଳ୍ପ ମାତ୍ର ରେ ବର୍ଷା ହେବା ସମ୍ଭାବନା ଅଛି. ଏହି ସମୟ ରେ ଆକାଶ ମୁଖ୍ୟତ ମେଘୁଆ ରହିବା ସମ୍ଭାବନା ଅଛି. ପବନ ଦକ୍ଷିଣ-ପଶ୍ଚିମ ଦିଗରୁ ଦିଗରୁ ଘଣ୍ଟା ପ୍ରତି ୦୦୭ - ୦୦୭ କି.ମି. ବେଗ ରେ ବୋହିବା ସମ୍ଭାବନା ଅଛି. ଏହି ସମୟ ରେ ଦିନ ର ସର୍ବାଧିକ ତାପମାତ୍ରା ୩୦- ୩୨ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୨୫ -୨୬ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୮୪-୯୨ % ଓ ୪୯-୬୨ % ରହିବା ସମ୍ଭାବନା ଅଛି.

## ପାଣିପାଗ ଭିତିକ କୃଷି ଉପଦେଶ

ଆସନ୍ତା ୦୮.୦୮.୨୦୧୮ ମଧ୍ୟରେ ମଧ୍ୟମ ମଧ୍ୟମ ରୁ ସ୍ୱଳ୍ପ ମାତ୍ର ବର୍ଷା ହେବା ସମ୍ଭାବନା ଥିବାରୁ

୧. ଧାନ ରୁଆ ଶେଷ କରନ୍ତୁ .

୨. ବୁଣା ଯାଇଥିବା ମକା, କପା, ହରଡ଼, ଚିନାବାଦାମ ଜମି ରୁ ବର୍ଷା ପାଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ ଓ ଅଂତଃଚାଷ ଓ ସାର ପ୍ରୋୟୋଗୋ କରନ୍ତୁ.

୩. ବର୍ଷା ପାଣି ଗାଡ଼ିଆ, ପୋଖରୀ ଓ ଅଳ ଅମଳ ପ୍ରକଳ୍ପ ରେ ସଂଗ୍ରହ କରି ରଖନ୍ତୁ.

୪. ପାଗ ଅନୁକୂଳ ଥିବାରୁ ଆବଶ୍ୟକ ଅନୁଯାଇ ଫସଲ ରେ ସାର ପ୍ରୟୋଗ, କୀଟ ନାଶକ ଓ ତୃଣ ନାଶକ ପ୍ରୟୋଗ କାମ ଶେଷ କରନ୍ତୁ.

**ଧାନ:**

- ମୁଖ୍ୟ ଜମି ରେ ଧାନ ତଳି ରୁଆ ଯିବାରୁ ଦୁଇ ସପ୍ତାହ ଅବସ୍ଥା ରେ ଅଛି.
- ମୁଖ୍ୟଜମି କାଦୁଅ କରିବା ସମୟରେ ଏକରକୁ ୨ ଟନ ଗୋବର ଖତ ପ୍ରୟୋଗ କରନ୍ତୁ. ରୋଇବା ପୂର୍ବରୁ ଏକରକୁ ୩୫ କିଲୋ ଦି.ଏ.ପି. ସହିତ ୧୩ କିଲୋ ଏମ.ଓ.ପି.ସାର ପ୍ରୟୋଗ କରନ୍ତୁ. ସହଲ କିସମ ରେ ୨୫ କିଲୋ ଦି.ଏ.ପି. ସହିତ ୧୦ କିଲୋ ଏମ.ଓ.ପି ସାରା ପ୍ରୟୋଗ କରନ୍ତୁ.
- ରୁଆ ଧାନ ରେ ଧାନ ତଳି ରୋଇବା ର ୨-୫ ଦିନ ମଧ୍ୟରେ ଏକରକୁ ୬୦୦ ମିଲି ପ୍ରେତଲୀଲାଚଲର କିମ୍ବା ୧୩୦୦ ମିଲି ପେଣ୍ଡିମେଥ୍ଲିଇଁ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ.
- ବର୍ତମାନ ଧାନ ତଳି ୨-୪ ସପ୍ତାହ ଚାରା ଅବସ୍ଥା ରେ ଅଛି. ତିନି ସପ୍ତାହ ଅବସ୍ଥା ରେ ଧାନ ତଳି ରୋପଣ ପାଇଁ ବର୍ତମାନ ମୁଖ୍ୟ ଜମି କାଦୁଅ କରନ୍ତୁ. ଓ ଧାନ ରୁଆ କରନ୍ତୁ.
- ଧାନ ତଳି ଘେରା ଦୁଇ ସପ୍ତାହ ଅବସ୍ଥା ରେ ୧୦ ଡେସିମିଲ ତଳି ଘେରା ରେ ୭୦୦ଗ୍ରାମ ଫିପ୍ରୋନେଲ ୦.୩ % G କିମ୍ବା ୧ କିଲୋ cartraphydrochloride ୪% ଦାନାଦାର ଔଷଧ ପକାନ୍ତୁ.
- ବୁଣା ଧାନ ବର୍ତମାନ ୫-୬ ସପ୍ତାହ ଅବସ୍ଥା ରେ ଅଛି. ବୁଣା ଯାଇଥିବା ଧାନ ଜମି ରେ ବେଉଷଣ କରିବା ପାଇଁ ପାଣି ବାନ୍ଧି ରଖନ୍ତୁ. ସହଲ କିସମ ରେ ୨୦କିଲୋ ୟୁରିଆ ସହିତ ୧୦କିଲୋ ଏମ.ଓ.ପି. ସାର ପ୍ରୟୋଗ କରନ୍ତୁ.

**କପା:**

- କପା ବର୍ତମାନ ୪-୬ ସପ୍ତାହ ଅବସ୍ଥା ରେ ଅଛି.
- ୬ ସପ୍ତାହ ଅବସ୍ଥା ରେ ସାର ପ୍ରୋୟୋଗୋ କରନ୍ତୁ.

- ଶଙ୍କର କିସମ କପା ୬ ସପ୍ତାହ ଅବସ୍ଥା ରେ ୨୬ କିଲୋ ୟୁରିଆ ସାର ପ୍ରୟୋଗ କରନ୍ତୁ. ଉନ୍ନତ  କିସମ କପା ୬ ସପ୍ତାହ ଅବସ୍ଥା ରେ ୨୦  କିଲୋ ୟୁରିଆ ସାର ପ୍ରୟୋଗ କରନ୍ତୁ.

**ହରଡ:**

- ହରଡ଼ ଫସଲ ବର୍ତମାନ ୩-୪ ସପ୍ତାହ ଅବସ୍ଥା ରେ ଅଛି. ତିନି ସପ୍ତାହ ଅବସ୍ଥା ରେ କୋଡା ଖୋସା କରି ଘାସ ବାଛି ଦିଅନ୍ତୁ ଓ ଗଛ ମୂଳ କୁ ମାଟି ଟେକି ଦିଅନ୍ତୁ.

**ମକା:**

- ମକା ବର୍ତମାନ ୪ - ୫ ସପ୍ତାହ ଅବସ୍ଥା ରେ ଅଛି. ଜମି ରୁ ବର୍ଷା ପାଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ.

**ଆଖୁ :**

- ଆଖୁ ବର୍ତମାନ ହେବା ରୁ ଅଂଗୀୟ ବୃଦ୍ଧି (୨୧-୨୩ ସପ୍ତାହ) ଅବସ୍ଥା ରେ ଅଛି. ସହଲ କାନ୍ଦ  ବିନ୍ଧ ପୋକ ନିଁତ୍ରଣା ପାଇଁ ଏକର ପ୍ରତି ୪୦୦ ମିଲି ଟ୍ରିୟୋଫୋସ କିମ୍ବା ପ୍ରୋଫାଇନଫୋସ ଔଷଧ କୁ ଲିଟର ପ୍ରତି ୨ମିଲି ହିସାବ ରେ ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ.
- ଆଖୁ ରେ ଭେଳା ବାନ୍ଧିବା କାମ ସମାପ୍ତ କରନ୍ତୁ.

**ଧନିଚା:**

- ଧନିଚା ବର୍ତମାନ ୫ -୬ ସପ୍ତାହ ଅବସ୍ଥା ରେ ଅଛି. ଧନିଚା ୫-୬ ସପ୍ତାହ ଅବସ୍ଥା ରେ ଜମି ରେ ଚାଷ କରି ମିଶାଇ ଦିଅନ୍ତୁ

**ଚିନା ବାଦାମ:**

- ଚିନା ବାଦାମ ବର୍ତମାନ ୩-୪ ସପ୍ତାହ ହେବ ଅବସ୍ଥା ରେ ଅଛି. ତିନି ସପ୍ତାହ ଅବସ୍ଥା ରେ ଚିନାବାଦାମ ରେ ହଳିକା କୋଡା ଖୋସା କରି ଘାସ ବାଛି ଦିଅନ୍ତୁ ଓ ଗଛ ମୂଳ କୁ ମାଟି ଟେକି ଦିଅନ୍ତୁ. ଜମି ରୁ ବର୍ଷା ପାଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ.

**ସହଯୋଗୀ ଗବେଷଣା ନିର୍ଦେଶକ ଓ ନୋଡାଲ ଅଫିସର**

**ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା**